# Telephone conversation between Prime Minister and His Excellency Joseph R. Biden, President of the United States of America

February 08, 2021

---

# ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ମହାମହିମ ଯୋଶେଫ ଆର. ବାଇଡେନଙ୍କ ମଧ୍ୟରେ ଟେଲିଫୋନରେ କଥାବାର୍ତ୍ତା

ଫେବୃଆରୀ 08, 2021

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ମହାମହିମ ଯୋଶେଫ ଆର. ବାଇଡେନଙ୍କ ସହ ଟେଲିଫୋନରେ କଥାବାର୍ତ୍ତା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ବାଇଡେନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କ କାର୍ଯ୍ୟକାଳ ପାଇଁ ଶୁଭକାମନା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଭାରତ-ଆମେରିକା ରଣନୀତିକ ସହଯୋଗିତାକୁ ଆଗକୁ ବଢ଼ାଇବା ପାଇଁ ତାଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ ।

ଉଭୟ ନେତା କ୍ଷେତ୍ରୀୟ ବିକାଶ ଓ ବ୍ୟାପକ ଭୂ-ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସେମାନେ ଉଲ୍ଲେଖ କରିଥିଲେ କି ଭାରତ-ଆମେରିକା ସହଯୋଗିତା ଗଣତାନ୍ତ୍ରିକ ମୂଲ୍ୟ ଏବଂ ଦ୍ୱିପାକ୍ଷିକ ରଣନୀତିକ ହିତ ପାଇଁ ପ୍ରତିବଦ୍ଧତାରେ ମଜଭୁତ ଭାବେ ଯୋଡ଼ି ହୋଇଛି । ସେମାନେ ନିୟମ ପାଳନକାରୀ ଅନ୍ତର୍ଜାତୀୟ ବ୍ୟବସ୍ଥା ଏବଂ ମୁକ୍ତ, ଉନ୍ମୁକ୍ତ ଓ ଅନ୍ତର୍ଭୁକ୍ତି ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ସମାନ ବିଚାରଧାରା ରଖୁଥିବା ଦେଶଗୁଡ଼ିକ ସହ କାମ କରିବାର ମହତ୍ତ୍ୱକୁ ଦୋହରାଇଥିଲେ ।

ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ବାଇଡେନ ଅନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଆହ୍ୱାନର ପ୍ରତିକାର ପନ୍ଥା ବାହାର କରିବା ଲାଗି ପରସ୍ପର ସହ ମିଶି କାର୍ଯ୍ୟ କରିବେ ବୋଲି ସହମତି ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ପ୍ୟାରିସ ବୁଝାମଣା ଉପରେ ପୁନଃ ପ୍ରତିବଦ୍ଧତା ଦର୍ଶାଇବା ଲାଗି ରାଷ୍ଟ୍ରପତି ବାଇଡେନଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ଏବଂ ଭାରତ ଦ୍ୱାରା ଅକ୍ଷୟ ଶକ୍ତି କ୍ଷେତ୍ରରେ ନିଜ ପାଇଁ ନିର୍ଦ୍ଧାରିତ ମହାତ୍ୱାକାଂକ୍ଷୀ ଲକ୍ଷ୍ୟଗୁଡ଼ିକ ବାବଦରେ ସୂଚନା ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ ଚଳିତବର୍ଷ ଏପ୍ରିଲରେ କ୍ଲାଇମେଟ ଲିଡର୍ସ ସମିଟ ଆୟୋଜନ ନିମନ୍ତେ ରାଷ୍ଟ୍ରପତିଙ୍କ ପଦକ୍ଷେପକୁ ସ୍ୱାଗତ କରିଥିଲେ ଏବଂ ସେଥିରେ ଅଂଶଗ୍ରହଣ ଲାଗି ଆଗ୍ରହ ପ୍ରକାଶ କରିଥିଲେ ।

ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ବାଇଡେନ ଓ ଡକ୍ଟର ଜିଲ ବାଇଡେନଙ୍କୁ ଭାରତ ଆସିବା ପାଇଁ ଆମନ୍ତ୍ରଣ କରିଥିଲେ, ଯାହାଦ୍ୱାରା ସେମାନେ ନିଜର ସୁବିଧା ଅନୁସାରେ ତୁରନ୍ତ ଭାରତ ଗସ୍ତରେ ଆସିପାରିବେ ।

DISCLAIMER: This is an approximate translation. The original is available in English on MEA's website and may be referred to as the official press release.